# ମାଲକାନଗିରିରେ ଫଳିଲା ଜାପାନର 'ମିୟାଜାକି' ଆମ୍ବ



## କିଲୋ ୨ ଲକ୍ଷରୁ ଅଧିକ!

ମାଲକାନଗିରି/କୋରୁକୋଣ୍ଡା, ୪।୬(ସମିସ): ଫଳର ରାଜା ଆମ୍ବକୁ ନେଇ ସାରା ବିଶ୍ୱରେ ଅନେକ ପ୍ରଜାତି ରହିଛି। କିନ୍ତୁ ଜାପାନର ବିରଳ ଓ ବିଶ୍ୱପ୍ରସିଦ୍ଧ ମିୟାଜାକି ଆମ୍ବ ଏବେ ମାଲକାନଗିରି ଜିଲ୍ଲାର ମାଟିରେ ଫଳି ସମସ୍ତଙ୍କୁ ଚମକାଇ ଦେଇଛି। କିଲୋ ପିଛା ୨ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟ ଥିବା ଏହି ଆମ୍ବକୁ ଦେଖିବା ପାଇଁ ଏବେ ଲୋକଙ୍କ ଭିଡ଼ ଲାଗି ରହିଛି। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ଏମ୍‌ଭି-୩୪ ଗ୍ରାମର ଚାଷୀ ହରିଚାନ୍ଦ ସରକାର ପ୍ରାୟ ଚାରି ବର୍ଷ ପୂର୍ବେ କୋରାପୁଟ ଜିଲ୍ଲାର ସିମିଳିଗୁଡ଼ାର ଏକ ନର୍ସରୀରୁ ମିୟାଜାକି ଆମ୍ବ ଚାରା ଆଣି ନିଜ ବାଡ଼ିରେ ରୋପଣ କରିଥିଲେ। ଦୀର୍ଘ ଚାରି ବର୍ଷର ଯତ୍ନ ଓ ପରିଶ୍ରମ ପରେ ଗଛରେ ଫଳିଛି ଏହି ବିରଳ ପ୍ରଜାତିର ଆମ୍ବ। ଗଛରେ ଲାଗିଥିବା ପ୍ରତ୍ୟେକ ଆମ୍ବର ଓଜନ ପ୍ରାୟ ୫୦୦ ଗ୍ରାମରୁ ୧ କିଲୋଗ୍ରାମ ପର୍ଯ୍ୟନ୍ତ ରହିଛି। ଗାଢ଼ ଲାଲ ରଙ୍ଗର ଏହି ଆମ୍ବକୁ ଜାପାନରେ 'ତାୟୋ-ନୋ-ତାମାଗୋ' ବା ସୂର୍ଯ୍ୟଙ୍କ ଅଣ୍ଡା ବୋଲି କୁହାଯାଏ। ଏହାର ଅତ୍ୟଧିକ ମୂଲ୍ୟ ଓ ଚାହିଦା ଯୋଗୁଁ ଏହାକୁ ପୃଥିବୀର ସବୁଠାରୁ ଦାମୀ ଆମ୍ବ ଭାବେ ଗଣନା କରାଯାଏ। ଆମ୍ବର ଦାମ ଅଧିକ ହୋଇଥିବାରୁ ହରିଚାନ୍ଦ ଗଛର ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା କରିଛନ୍ତି। ଗଛ ଚାରିପାଖରେ ବାଡ଼ ଦିଆଯାଇଥିବା ବେଳେ କାହାକୁ ମଧ୍ୟ ନିକଟକୁ ଯିବାକୁ ଅନୁମତି ନାହିଁ। ପ୍ରତିଦିନ ଶହ ଶହ ଲୋକ ଏହି ବିରଳ ଆମ୍ବକୁ ଦେଖିବା ପାଇଁ ଆସୁଥିବାରୁ ସେମାନଙ୍କୁ ଦୂରରୁ ହିଁ ଆମ୍ବ ଦେଖିବାକୁ କୁହାଯାଉଛି। ତେବେ ଏହି ଆମ୍ବର ବଜାର ମୂଲ୍ୟ ଅତ୍ୟଧିକ ଥିବାରୁ ଏହାକୁ କେଉଁଠି ଓ କିପରି ବିକ୍ରି କରିବେ, ସେନେଇ ହରିଚାନ୍ଦ ଚିନ୍ତାରେ ଅଛନ୍ତି। ଓଡ଼ିଶାରେ ଏପରି ଦାମୀ ଆମ୍ବ କିଣିବାକୁ ସକ୍ଷମ ଗ୍ରାହକ କମ୍ ଥିବାରୁ ଏହାର ବିପଣନ ବଡ଼ ଚ୍ୟାଲେଞ୍ଜ ହୋଇଛି। ବିଶେଷଜ୍ଞମାନଙ୍କ ମତରେ, ମାଲକାନଗିରିର ମାଳଭୂମି ଅଞ୍ଚଳର ଜଳବାୟୁ ଏହି ପ୍ରଜାତିର ଆମ୍ବ ଚାଷ ପାଇଁ ଅନୁକୂଳ ହୋଇପାରେ। ଯଦି ଏହି ପ୍ରୟାସ ସଫଳ ହୁଏ, ତେବେ ଆଗାମୀ ଦିନରେ ଜିଲ୍ଲାର ଅନ୍ୟାନ୍ୟ ଚାଷୀମାନେ ମଧ୍ୟ ମିୟାଜାକି ଆମ୍ବ ଚାଷ କରି ଆର୍ଥିକ ଭାବେ ଲାଭବାନ ହୋଇପାରିବେ।

ଉଲ୍ଲେଖଯୋଗ୍ୟ, ଭାରତର କେବଳ କିଛି ସ୍ଥାନରେ ଏହି ବିରଳ ପ୍ରଜାତିର ଆମ୍ବ ଚାଷ ହେଉଛି। ମଧ୍ୟପ୍ରଦେଶର ଜବଲପୁରରେ ଥିବା ଏକ ମିୟାଜାକି ବଗିଚାର ସୁରକ୍ଷା ପାଇଁ ମାଲିକ ୯ଟି ହିଂସ୍ର କୁକୁର ପାଳିଥିବା ଘଟଣା ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ଏବେ ମାଲକାନଗିରିରେ ଫଳିଥିବା ଏହି "ଲାଲ ସୁନା' ଆମ୍ବ ପାଚିବା ଆରମ୍ଭ କରିଥିବା ବେଳେ ଚାଷୀ ହରିଚାନ୍ଦ ସରକାରଙ୍କ ଏହି ସଫଳତା ସମଗ୍ର ଜିଲ୍ଲା ପାଇଁ ଗର୍ବର ବିଷୟ ପାଲଟିଛି।

● ଏନ୍‌ଡିପିଏସ ଅଭିଯୁକ୍ତଙ୍କୁ ମିଳିଲା ଜାମିନ

# ପୁଲିସର ବିଳମ୍ବ ନିଶା ମାଫିଆଙ୍କ ପାଇଁ ସୁଯୋଗ

ଜୟପୁର,୪।୬ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ପୁଲିସ ନିଶା ଇଞ୍ଜେକସନ କାରବାରରେ ସଂପୃକ୍ତି ନେଇ ୫ଜଣ ଅଭିଯୁକ୍ତଙ୍କୁ ୩୦ ତାରିଖରେ ଗିରଫ କରିବା ସହିତ ୩୧ ତାରିଖରେ କୋର୍ଟ ଚାଲାଣ କରିଥିଲେ । କିନ୍ତୁ କୋର୍ଟରେ ଉକ୍ତ ଦିନ ହିଁ ୫ ଜଣ ଅଭିଯୁକ୍ତଙ୍କ ଦ୍ୱାରା ନିଯୁକ୍ତ ଓକିଲ ଜାମିନ ଆବେଦନ କରିଥିଲେ। ପୁଲିସର ଏହି ବୈଷୟିକ ତ୍ରୁଟି ତଥା ବିଳମ୍ବରେ କୋର୍ଟରେ ଅଭିଯୁକ୍ତ ମାନଙ୍କୁ ହାଜର କରିଥିବା ଯୋଗୁଁ ଆଇନ ବ୍ୟବସ୍ଥାର ନିୟମ ଅନୁଯାୟୀ ଜିଲ୍ଲା ଜଜ୍ ଦାୟୀତ୍ୱରେ ରହିଥିବା ଜଜ୍ ସମସ୍ତ ଅଭିଯୁକ୍ତଙ୍କୁ ଉକ୍ତଦିନ ହିଁ ଜାମିନ ପ୍ରଦାନ କରିଥିଲେ। ବେଆଇନ ନିଶା କାରବାର (ଏନ୍‌ଡିପିଏସ) ଧାରାରେ ଅଭିଯୁକ୍ତଙ୍କୁ ଗିରଫ କରିବାର ୨୪ ଘଣ୍ଟା ମଧ୍ୟରେ କୋର୍ଟରେ ହାଜର କରିବାର ନିୟମ ରହିଛି। କିନ୍ତୁ ଜୟପୁର ଟାଉନଥାନା ପୁଲିସ ବେପରୁଆ କାର୍ଯ୍ୟ ଯୋଗୁଁ ୨୪ ଘଣ୍ଟାରୁ ଅଧିକ ସମୟ ପରେ କୋର୍ଟରେ ହାଜର କରିଥିବା ନେଇ କୋର୍ଟ ପକ୍ଷରୁ ଜାମିନ ପ୍ରଦାନ କରାଯାଇଥିଲା। ଏନଡିପିଏସ ଧାରାରେ କୋର୍ଟରେ ହାଜର ହେବାର କିଛି ଘଣ୍ଟା ମଧ୍ୟରେ ଜାମିନ ପ୍ରଦାନକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ଗତବର୍ଷ ନିଶା ଇଞ୍ଜେକସନ କାରବାରରେ ସାମିଲ ରହିଥିବା ନେଇ ଟାଉନଥାନା ପୁଲିସ ପକ୍ଷରୁ ଗିରଫ କରାଯାଇଥିଲା। ଏହି ଦୁଇ ଜଣ ଅଭିଯୁକ୍ତ ନିୟମିତ ଅପରାଧି ହୋଇଥିଲେ ସୁଦ୍ଧା ପୁଲିସର ଭୁଲ ପାଇଁ ସେମାନେ କୋର୍ଟରୁ ଜାମିନ ପାଇବାରେ ସୁଯୋଗ ସୃଷ୍ଟି କରିଛି ବୋଲି ବୁଦ୍ଧିଜୀବି ମାନେ ଅସନ୍ତୋଷ ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୩୦ ତାରିଖରେ ରାତିରେ ଗାନ୍ଧିଛକରୁ ଗଡ଼ପଦର ରାସ୍ତା କେନାଲ ରୋଡର ସଂଧା ଫଙ୍କସନ ହଲ ନିକଟରେ ନିଶା ଇଞ୍ଜେକେସନ କାରବାର ନେଇ କିଛି ଦୁର୍ବୃତ୍ତ ରହିଥିବା ସୂଚନା ପାଇବା ପରେ ଟାଉନ ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ସେଠାରେ ୬ଜଣଙ୍କୁ ପୁଲିସ ଦେଖିବା ପରେ ସେମାନଙ୍କୁ କାବୁ କରିବାକୁ ପ୍ରୟାସ କରୁଥିବା ବେଳେ ଜଣେ ଫେରାର ହୋଇଥିବା ବେଳେ ଅନ୍ୟ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ସେଠାରୁ ଜବତ କାର ମଧ୍ୟରୁ ୧୫ ପ୍ୟାକେଟ ବେଆଇନ ନିଶା ଇଞ୍ଜେକସନ ଜବତ କରିଥିଲେ। ଉକ୍ତ ୫ ଜଣଙ୍କ ମଧ୍ୟରୁ କେତେକ ବିକ୍ରେତା ରହିଥିବା ବେଳେ ଅନ୍ୟ କେତେଜଣ କ୍ରେତା ରହିଥିଲେ। ଜୟପୁର ଏହି ନିଶା ଇଞ୍ଜେକସନ କାରବାର ପେଣ୍ଠ ସ୍ଥଳୀ ପାଲଟିଥିବା ବେଳେ ଏଠାରୁ ସୁନାବେଢା, କୋରାପୁଟ, ସେମିଳିଗୁଡା ଏବଂ ଆଖପାଖ ଗ୍ରାମ ଓ ସହରକୁ ବିକ୍ରି ନେଇ ପଠାଯାଉଛି। ଏହ ଇଞ୍ଜେକନସକୁ ଡାକ୍ତର ମାନେ ଅସ୍ତ୍ରୋପଚାର ବେଳେ ନିଶ୍ଚେତକ ପାଇଁ ବ୍ୟବାହାର କରୁଛନ୍ତି। ପୁଲିସ ଅଭିଯୁକ୍ତ ମାନଙ୍କ ନିକଟରୁ ୪୦ ହଜାର ଟଙ୍କାର ୭୫୦ଟି ଇଞ୍ଜେକନସ, ଗୋଟିଏ କାର ଏବଂ ନଗଦ ୧୫ ହଜାର ଟଙ୍କା ଏବଂ ୫ଟି ମୋବାଇଲ ଜବତ କରିଥିବା ନେଇ ଗତ ୩୧ ତାରିଖେ ଟାଉନଥାନା ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିଉଲ ଏବଂ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# 'ସର୍ବେ ଭବନ୍ତୁ ସୁଖିନଃ' ଟିମ୍ ସମ୍ମାନିତ



ରାମନାଗୁଡା,୪।୬(ସମିସ): ସମାଜସେବା, ମାନବ କଲ୍ୟାଣ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ପ୍ରଚାର-ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ସର୍ବେ ଭବନ୍ତୁ ସୁଖିନଃ' ଟିମର ସଦସ୍ୟ ମାନଙ୍କୁ ଶ୍ରୀଚୈତନ୍ୟ ରାମଜୀଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ବିଶ୍ୱ ଶାନ୍ତି ନିମନ୍ତେ ୧୦୮ କୁଣ୍ଡିୟ ଯଜ୍ଞ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆୟୋଜିତ ଏହି ସମ୍ମାନ ସମାରୋହରେ ଟିମର ସଦସ୍ୟ ମାନଙ୍କର ନିଷ୍ଠା, ସେବାଭାବ ଓ ସମାଜ ପ୍ରତି ଅବଦାନକୁ ଉଚ୍ଚ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ପୂଜ୍ୟ ଯୋଗୀ ଶ୍ରୀଚୈତନ୍ୟ ରାମଜୀ କହିଥିଲେ ଯେ, ମାନବ ସେବା ହିଁ ପ୍ରକୃତ ଧର୍ମ ଏବଂ ସମାଜର ମଙ୍ଗଳ ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ। ବି. ମାଣି,ରଘୁନାଥ ସାମଲ, ଶକ୍ତି ପ୍ରସାଦ ପାତ୍ର, ଆଶିଷ କୁମାର ବେହେରା, ସୁଧୀର ମିଶାଲ, ରାକେଶ କଂସ ବେହେରା, କୃଷ୍ଣ ଚନ୍ଦ୍ର ସାହୁ, ଜଗଦିଶ ପାତ୍ର, ସମ୍ମାନିତ ସଦସ୍ୟ ମାନେ ମଧ୍ୟ ଆଗାମୀ ଦିନରେ ସମାଜ କଲ୍ୟାଣ ମୂଳକ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ପାଇଁ ସଂକଳ୍ପ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସମ୍ମାନିତ ସଦସ୍ୟ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ ସମସ୍ତଙ୍କ ମଙ୍ଗଳ କାମନା କରି ଟିମ୍‌ର ସଦସ୍ୟ ଆଶିଷ କୁମାର ବେହେରା ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ।

# ଅଖିଳ ଭାରତ ହିନ୍ଦୁ ମହାସଭା ପ୍ରତିନିଧି ଦଳଙ୍କ କଣ୍ଟାମାଳ ଗସ୍ତ



ରାୟଗଡ,୪।୬(ସମିସ): ରାୟଗଡ ଜିଲ୍ଲା କାଶୀପୁର ବ୍ଲକ ସିଜିମାଳି ଖଣି ଅଞ୍ଚଳ ଅନ୍ତର୍ଗତ କଣ୍ଟାମାଳ ଓ ଶାଗବାରୀ ଗାଁରେ ବିଗତ କିଛି ଦିନ ହେଲା ଲାଗି ରହିଥିବା ବିବାଦ, ସ୍ଥାନୀୟ ଅଶାନ୍ତି ଓ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଖିଳ ଭାରତୀୟ ହିନ୍ଦୁ ମହାସଭା ଓଡିଶା ପ୍ରଦେଶ ତରଫରୁ ଏକ ୪ଜଣିଆ ସ୍ୱତନ୍ତ୍ର ପ୍ରତିନିଧି ଦଳ ଚଳିତ ମାସ ୨ତାରିଖରୁ ୪ତାରିଖ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳ ଗସ୍ତ କରିଥିଲେ। ଅଖିଳ ଭାରତ ହିନ୍ଦୁ ମହାସଭା ରାଜ୍ୟ ସଭାପତି ଗୀତ ଚଇନିଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସଙ୍ଗଠନ ମନ୍ତ୍ରୀ ଡ.ବିଶ୍ୱଜିତ ମୁଦୁଲିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପ୍ରତିନିଧି ଦଳରେ ସୁକାନ୍ତ ଘଡେଇ,ପାଦିଅ ପଡିଆମୀ ଓ ନାରାୟଣ ସେଠୀ ପ୍ରମୁଖ ସାମିଲ ଥିଲେ। ଏହି ୪ଜଣିଆ ସ୍ୱତନ୍ତ୍ର ପ୍ରତିନିଧି ଦଳ ରାୟଗଡରେ ଗତ ୨ତାରିଖରେ ପହଞ୍ଚିବା ପରେ ୩ଦିନ ଧରି ସିଜିମାଳି ଅଞ୍ଚଳ ଗସ୍ତ କରି ସ୍ଥାନୀୟ ଅଧିବାସୀ, ଆନ୍ଦୋଳନରତ ପକ୍ଷ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଖଣି ବିବାଦ ଯୋଗୁଁ ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ଏବଂ ସାମାଜିକ ସ୍ଥିତି ଉପରେ କି ପ୍ରଭାବ ପଡିଛି ସେ ନେଇ ପ୍ରତିନିଧି ଦଳ କଂଟାମାଳ ଓ ଶାଗବାରୀ ଦୁଇଟି ଗ୍ରାମର ଗ୍ରାମବାସୀଙ୍କ ସହ ଏବଂ ମା ମାଟି ମାଳି ସୁରକ୍ଷା ମଞ୍ଚ ସଭାପତି ସୁବାଷ ସିଂ ମାଝିଙ୍କ ସହ ଆଲୋଚନା କରିଥିଲେ। ସେଠାରେ ୧୦ରୁ ୧୫ଜଣଙ୍କ ନାମରେ ପୋଲିସ ମିଥ୍ୟା କେସ ଦାଖଲ କରିଥିବା ଗ୍ରାମବାସୀ ପ୍ରତିନିଧି ଦଳଙ୍କ ଅବଗତ କରାଇବା ସହ ସେମାନଙ୍କ କଥା ସରକାର ନ ଶୁଣିବା ଏବଂ ପୁର୍ନବାର ପଞ୍ଚାୟତରେ ଗ୍ରାମ ସଭା କରାଯିବାକୁ ପ୍ରଭାବିତ ଗ୍ରାମବାସୀ ଦାବି କରିଥିଲେ। ଅଖିଳ ଭାରତ ହିନ୍ଦୁ ମହାସଭା ସଦାସର୍ବଦା ଶାନ୍ତି,ନ୍ୟାୟ ଓ ସ୍ଥାନୀୟ ଲୋକଙ୍କ ସାମାଜିକ ସୁରକ୍ଷା ସପକ୍ଷରେ ରହିଆସିଛି ଏବଂ ଏହି ଗସ୍ତ ଦ୍ୱାରା ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି। ଶାନ୍ତି ସହ ଅଞ୍ଚଳବାସୀଙ୍କ ଦାବିକୁ ଗୁରୁତ୍ୱ ଦିଆଯାଉ ବୋଲି ଗ୍ରାମବାସୀମାନେ ଦାବି କରିଥିବା ଅଖିଳ ଭାରତ ହିନ୍ଦୁ ମହାସଭା ରାଜ୍ୟ ସଂଗଠନ ମନ୍ତ୍ରୀ ବିଶ୍ୱଜିତ ମୁଦୁଲି କହିଛନ୍ତି।

## ଭ୍ୱାଇଁ ଘରେ ଶାଳକ ପାଣିରେ ବୁଡ଼ି ମୃତ

ଜୟପୁର, ୪।୬(ସମିସ): ଜୟପୁର ସଦର ଥାନା ମକାପୁଟ ନିକଟସ୍ଥ ଏକ ନାଳ ପାଖରେ ଥିବା କୂଅରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଛତିଶଗଡ଼ ରାଜ୍ୟର ଦନ୍ତେୱାଡା ଜିଲ୍ଲା ସଦର ମହକୁମା ସହରର ନିଖିଲ ନାଗ (୨୦) । ମୃତକ ଗତ କିଛି ଦିନ ପୂର୍ବରୁ ଜୟପୁର ସଦରଥାନା ମକାପୁଟ ଗ୍ରାମକୁ ତାଙ୍କ ଭଉଣୀ ଭ୍ୱାଇଁ ରବି ଟାକ୍ରୀ ଘରକୁ ବୁଲିବାକୁ ଆସିଥିଲେ। ଗତକାଲି ସଂଧ୍ୟାରେ ମୃତକ ନିଖିଲ ଶୌଚ ହେବାକୁ କହି ନିକଟସ୍ଥ ଏକ ନାଳକୁ ଯାଇଥିଲେ। କିନ୍ତୁ ସେଠାରେ ଏକ ପାଣି କୂଅ ଭିତରେ ବୁଡି ଯାଇଥିଲେ। ଏହିପରି ଖବର ପାଇଁ ତାଙ୍କ ଭ୍ୱାଇଁ ଏବଂ ପରିବାର ଲୋକ ଗୁରୁତର ଅବସ୍ଥାରେ ନିଖିଲକୁ ଉଦ୍ଧାର କରିବା ସହିତ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ ବୋଲି ମୃତକଙ୍କ ମାଆ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତକଙ୍କ ମରଶରୀର ପ୍ରଦାନ କରିଥିବା ନେଇ ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଘରୋଇ ଜମିରେ ସରକାରୀ କାର୍ଯ୍ୟାଳୟ ନିର୍ମାଣ ଅଭିଯୋଗ



କୋରାପୁଟ,୪।୬(ସମିସ): ପଟ୍ଟା ଜମିରେ ଦଶମନ୍ତପୁର ବ୍ଲକ ମୁଜାଙ୍ଗ ଗ୍ରାମ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଓ ଗୋଦାମ ଗୃହ ନିର୍ମାଣ କରା ଯାଇଥିବା ଅଭିଯୋଗ ହୋଇଛି। ମୁଜାଙ୍ଗ ଗ୍ରାମର ଉଜ୍ଜଳ ମଣି ଭାତରା ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ନିକଟରେ ଏପରି ଅଭିଯୋଗ କରିଛନ୍ତି। ମୁଜାଙ୍ଗ ଗ୍ରାମରେ ଥିବା ଖାତା ନମ୍ବର ୨୩୮/୨୯୬ ପ୍ଲଟ ନମ୍ବର ୮୮୨ ରେ ଥିବା ୨୪ ସେଣ୍ଟ ଜମି ଉପରେ ପଞ୍ଚାୟତ ରାଜ ବିଭାଗ ପକ୍ଷରୁ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସହ ପଞ୍ଚାୟତ ଗୋଦାମ ଗୃହ ନିର୍ମାଣ ହୋଇସାରିଛି। ଉକ୍ତ ଜମି ସରକାରୀ ଜମି ହୋଇ ନଥିବା ସତ୍ତ୍ୱେ ପଟ୍ଟାଧାରୀଙ୍କ ବିନା ଅନୁମତିରେ ସେଠାରେ ନିର୍ମାଣ କାର୍ଯ୍ୟ ହୋଇଛି। ଏଥିପାଇଁ ଉଜ୍ଜ୍ୱଳ ମଣି ଦଶମନ୍ତପୁର ତହସିଲଦାରଙ୍କ ନିକଟରେ ତାଙ୍କ ନାମରେ ଥିବା ଜମି ଚିହ୍ନଟ ପାଇଁ ଆବେଦନ କରିବାରୁ ଗତମାସ ୧ ତାରିଖ ଦିନ ରାଜସ୍ୱ ନିରୀକ୍ଷକ ଗ୍ରାମକୁ ଆସି ଜମି ଚିହ୍ନଟ କରିବାରୁ ଜଣା ପଡିଲା ଯେ ଉକ୍ତ ଜମି ଉପରେ ପଞ୍ଚାୟତରାଜ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ହୋଇସାରିଛି। ଏନେଇ ଉଜ୍ଜ୍ୱଳ ମଣି ଭାତରା ଆଜି କୋରାପୁଟ ଆସି ଜିଲ୍ଲା ପଞ୍ଚାୟତ ଅଧିକାରୀ ଯୁଗଳ କିଶୋର ନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ କହିବା ପ୍ରକାରେ ଉକ୍ତ ଜମିଟି ପୂର୍ବରୁ ଉଜ୍ଜ୍ୱଳମଣିଙ୍କ ବାପା ଗେରସନ ବାଗଙ୍କ ନାମରେ ଥିଲା। ସେ ୧୯୯୩ ମସିହାରେ ଉକ୍ତ ଜମିକୁ ଝିଅ ଉଜ୍ଜ୍ୱଳମଣୀଙ୍କ ନାମରେ ରେଜିଷ୍ଟି କରି ଦେଇଥିଲେ ଓ ପରବର୍ତ୍ତୀ ସମୟରେ ସେହି ଜମିର ପଟା ଉଜ୍ଜ୍ୱଳମଣୀଙ୍କ ନାମରେ ହୋଇଥିଲା। କିନ୍ତୁ ଏହି ଜମିରେ ବର୍ତ୍ତମାନ ସରକାରଙ୍କ ଦ୍ୱାରା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସହ ପଞ୍ଚାୟତ ଗୋଦାମ ତାଙ୍କ ବିନା ଅନୁମତିରେ ନିର୍ମାଣ ହୋଇଯାଇଛି। ଏଥିପାଇଁ ସରକାରଙ୍କ ତରଫରୁ ତାଙ୍କୁ କୌଣସି ମୂଲ୍ୟ ଦିଆଯାଇନି କିମ୍ବା ଅନ୍ୟ ଜମି ମଧ୍ୟ ଦିଆଯାଇନି। ଦୀର୍ଘ ୨ ବର୍ଷ ତହସିଲ କାର୍ଯ୍ୟାଳୟକୁ ଦୌଡାଦୌଡ଼ି କରି ଜମି ଚିହ୍ନଟ କରିବାରୁ ଏକଥା ସାମ୍ନାକୁ ଆସିଲା। ବର୍ତ୍ତମାନ ଉଜ୍ଜ୍ୱଳମଣି ସେହି ଜମି ବଦଳରେ ସରକାର ତାଙ୍କୁ ତାଙ୍କ ଗ୍ରାମରେ ଜମି ପ୍ରଦାନ କରନ୍ତୁ, ନଚେତ ଜମି ବାବଦକୁ ଅର୍ଥ ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି। ଉକ୍ତ ଦାବିପତ୍ରରେ ସେ ତହସିଲଦାରଙ୍କ ଦ୍ୱାରା ଦିଆଯାଇଥିବା ଜମି ଚିହ୍ନଟ ପ୍ରମାଣ ପତ୍ର, ସାର୍ଟିଫିକେଟ ମଧ୍ୟ ସଂଲଗ୍ନ କରିଛନ୍ତି। ଏହା ଦେଖିବା ପରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ତହସିଲଦାର ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି ଉଜ୍ଜ୍ୱଳମଣିଙ୍କୁ ପ୍ରତିଶୃତି ଦେଇଛନ୍ତି।

## ଘରୋଇ ବସ୍ ଥାନାରେ ଘଣ୍ଟାଏ ଅଟକ, ଯାତ୍ରୀ ହନ୍ତସନ୍ତ

ଜୟପୁର, ୪।୬(ସମିସ): ଜୟପୁର-ରାୟପୁର ଯାତ୍ରା କରୁଥିବା ଏକ ଘରୋଇ ବସ୍‌ର କଣ୍ଡାକ୍ଟରଙ୍କ ସହିତ ଜଣେ ଯାତ୍ରୀଙ୍କ ସାମାନ୍ୟ କିଛି ବଚସା ଯୋଗୁଁ ଗତକାଲି ରାତିରେ ଟାଉନ ଥାନା ପୁଲିସ ବସ୍‌କୁ ଘଣ୍ଟାଏ ପର୍ଯ୍ୟନ୍ତ ଥାନାରେ ଅଟକ ରଖିଥିଲେ। ଫଳରେ ଯାତ୍ରୀମାନେ ହଇରାଣ ହୋଇଥିଲେ। ଯାତ୍ରୀଙ୍କ ସହିତ କଣ୍ଡକ୍ଟରଙ୍କ ସିଟ୍ ପ୍ରଦାନକୁ ନେଇ ବଚସା ହୋଇଥିଲା। ଯାତ୍ରୀ ଓ ତାଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ପଦକ୍ଷପ ଗ୍ରହଣ କରିଥିଲା। ଶେଷରେ ବସର ଅନ୍ୟାନ୍ୟ ଯାତ୍ରୀ ୧ ଘଣ୍ଟା ବିଳମ୍ବ ହୋଇଯାଇଥିବା ଯୋଗୁଁ ଥାନା ଅଧିକାରୀଙ୍କୁ ସାକ୍ଷାତ କରିବା ସହିତ ବସ୍‌ଯାତ୍ରା ଆରମ୍ଭ କରିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। କେତେକ ଯାତ୍ରୀ ରାୟପୁର ଦେଶର ଅନ୍ୟାନ୍ୟ ସ୍ଥାନକୁ ଯାତ୍ରା କରିବା ପାଇଁ ଉଡାଜାହାଜ ଏବଂ ଟ୍ରେନରେ ଯାତ୍ରା କରିବା ନେଇ କରିଥିଲେ। ତେଣୁ ସେମାନଙ୍କ ବିଳମ୍ବ ହେଲେ ସମସ୍ୟା ସୃଷ୍ଟି ହେବ ବୋଲି ଗୁହାରି ପରେ ଥାନା ଅଧିକାରୀ ବସ୍‌କୁ ରାୟପୁର ଅଭିମୁଖେ ଯାତ୍ରା କରିବାକୁ ଅନୁମତି ଦେଇଥିଲେ।

● ସୂଚନା ଅଧିକାର ଆଇନକୁ ଫୁଁ...

# ୪ ମାସ ପରେ ବି ମିଳୁନି ତଥ୍ୟ




କୁନ୍ଦୁରା,୪।୬(ସମିସ): ସୂଚନା ଅଧିକାର ଆଇନକୁ ଫୁଁ । ଆବେଦନର ଚାରି ମାସ ପରେ ବି ମିଳୁ ନାହିଁ ତଥ୍ୟ ଓ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ । ସୂଚନା ପ୍ରକାରେ ମନରେଗା ସମ୍ପର୍କିତ କିଛି ସୂଚନା ପାଇବାକୁ ଆବେଦନ କରାଯାଇଥିଲା । ସେଥିରେ ମନରେଗାରେ ନିୟୋଜିତ ଶ୍ରମିକଙ୍କ ପାଇଁ ଦିଆଯାଇଥିବା ସ୍ୱାସ୍ଥ୍ୟ କିଟ୍ ବଣ୍ଟା ଯାଇଥିବା ସବିଶେଷ ବିବରଣୀ ୨୦୨୪-୨୫ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ତାଲିକା ଏବଂ ଏ ସବୁ କାମରେ ନିୟୋଜିତ ଥିବା ମେଟ୍ ତାଲିକା ଆଦି ପାଇବାକୁ ଆବେଦନ କରାଯାଇଛି। ଏହା ଭିତରେ ଚାରି ମାସ ବିତି ଗଲାଣି ହେଲେ ମିଳି ପାରୁନାହିଁ ତଥ୍ୟ। ଆବେଦନକାରୀ ୪-୫ ଥର ଜନ ସୂଚନା ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲିଙ୍କୁ ଭେଟିଛନ୍ତି । ବ୍ଲକ ଜନ ସୂଚନା ଅଧିକାରୀଙ୍କ କହିବା ପ୍ରକାରେ - ବର୍ତମାନ ମନରେଗା ଦାୟିତ୍ୱରେ ଥିବା ଏପିଓ ଏ ସବୁ ତଥ୍ୟ ଦେଉନଥିବାରୁ ଆବେଦନକାରୀଙ୍କୁ ଦେଇପାରୁ ନାହାନ୍ତି। ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ମନରେଗା ଯୋଜନାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ କିଟ୍ ଯୋଗାଇ ଥିଲେ। ପ୍ରତ୍ୟେକ ଗ୍ରାମାଞ୍ଚଳରେ ନିୟୋଜିତ ମେଟ୍ ମାନଙ୍କୁ ଏହି କିଟ୍ ଦିଆଯିବା ସହ କିଟ୍‌ରେ ରହିଥିବା ଅତ୍ୟାବଶ୍ୟକ ସାମଗ୍ରୀ ମନରେଗା କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା । କିନ୍ତୁ ଏହି କିଟ୍ କୌଣସି ମେଟ୍‌ଙ୍କୁ ଦିଆଯାଇ ନଥିବା ଅଭିଯୋଗ ହୋଇଥିବା ଦେଖିବାକୁ ମିଳିଥିଲା। ଏ ସବୁ ଲକ୍ଷ୍ୟ କରି ଆବେଦନକାରୀ ୪ ମାସ ଅପେକ୍ଷା ପରେ ବର୍ତମାନ ଏହାକୁ ନେଇ ଉପର ସ୍ତରରେ ଅଭିଯୋଗ କରିବେ ବୋଲି ଜଣାପଡିଛି ।

## ଖମ୍ବେସି ଗ୍ରାମରେ ଏସ୍‌ଆଇଆର୍ କାର୍ଯ୍ୟକ୍ରମ

# ପିଏମ୍ ଜନମନ ଘର ଶୀଘ୍ର ସମ୍ପୂର୍ଣ୍ଣ ପାଇଁ ବିଡିଓଙ୍କ ନିର୍ଦ୍ଦେଶ



ମୁନିଗୁଡା, ୪।୬ (ସମିସ): ରାୟଗଡ଼ ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଶିବପଦର ଗ୍ରାମ ପଞ୍ଚାୟତର ଦୁର୍ଗମ ଖମ୍ବେସି ଗ୍ରାମକୁ ମୁନିଗୁଡା ବ୍ଲକ ବିଡିଓ କୃଷ୍ଣଚନ୍ଦ୍ର ଦଳପତି ଏବଂ ସହକାରୀ ଯନ୍ତ୍ରୀ (ଏଇଇ) ଭି. ଶ୍ରୀନିବାସ ରାଓ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ ସ୍ଥାନୀୟ ପିଇଓ ରମେଶ କୁମାର ଡୁଳ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଗସ୍ତ ଅବସରରେ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍‌ଆଇଆର୍) କାର୍ଯ୍ୟକ୍ରମରେ ଡଙ୍ଗରିଆ ସମ୍ପ୍ରଦାୟର ଲୋକମାନଙ୍କ ସକ୍ରିୟ ଅଂଶଗ୍ରହଣ ସମ୍ପର୍କରେ ଅଧିକାରୀମାନେ ସମୀକ୍ଷା କରିଥିଲେ। ସେହିପରି ପିଏମ ଜନମନ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ଗୃହ ନିର୍ମାଣ ଅଗ୍ରଗତିକୁ ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ସମୀକ୍ଷା ବେଳେ କେତେକ ସ୍ଥାନୀୟ ଠିକାଦାର ହିତାଧିକାରୀଙ୍କ ଠାରୁ ଅର୍ଥ ଗ୍ରହଣ କରିଥିଲେ ମଧ୍ୟ ଘର ନିର୍ମାଣ କାମ ସମ୍ପୂର୍ଣ୍ଣ କରିନଥିବା ଅଭିଯୋଗ ଆସିଥିଲା। ଏନେଇ ଠିକାଦାରମାନଙ୍କ ସହ ଆଲୋଚନା କରାଯାଇ ଆସନ୍ତା ଏକ ମାସ ମଧ୍ୟରେ ସମସ୍ତ ଘର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ସେମାନଙ୍କଠାରୁ ଲିଖିତ ପ୍ରତିଶ୍ରୁତି ନିଆଯାଇଥିଲା। ପ୍ରତିନିଧି ଦଳ ଖମ୍ବେସି ଗ୍ରାମରେ ସ୍ଥାପିତ ସୋଲାର ପାଣି ଯୋଗାଣ ବ୍ୟବସ୍ଥାର ମଧ୍ୟ ତଦାରଖ କରିଥିଲେ। ଏହାସହ ଗ୍ରାମରେ ବନ୍ୟା ନିୟନ୍ତ୍ରଣ ପାଚେରୀ ଏବଂ ଚେକ୍‌ଡ୍ୟାମ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପିଇଓଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଗମ ଅଞ୍ଚଳର ମୌଳିକ ସୁବିଧା, ପାନୀୟ ଜଳ ବ୍ୟବସ୍ଥା ଓ ଆବାସ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ଏହି ଗସ୍ତ କରାଯାଇଥିବା ଜଣାପଡ଼ିଛି। ଏହି ଗସ୍ତ ଫଳରେ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଅଧିକ ସକ୍ରିୟ ହେବ ବୋଲି ଆଶା ପ୍ରକାଶ ପାଇଛି।

# ପୋଡାପାଡ଼ିରେ ମା’ ଠାକୁରାଣୀଙ୍କ ଯାତ୍ରା



ଟିକିରି,୪।୬(ସମିସ): ରାୟଗଡ଼ ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ପୋଡାପାଡ଼ି ଗ୍ରାମରେ ଦୀର୍ଘ ୭ ବର୍ଷ ପରେ ମା’ ଠାକୁରାଣୀଙ୍କ ଯାତ୍ରା ଭକ୍ତି, ଉତ୍ସାହ ଓ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଏହି ଯାତ୍ରାରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ପ୍ରଥମ ଦିନରୁ ମା’ଙ୍କ ପୂଜାର୍ଚ୍ଚନା ଓ ଧାର୍ମିକ କାର୍ଯ୍ୟକ୍ରମ ମଧ୍ୟରେ ଗ୍ରାମବାସୀ ଭକ୍ତିରସରେ ବିଭୋର ହୋଇଥିଲେ। ଯାତ୍ରା ଅବସରରେ ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ଦିନ ଆୟୋଜିତ ଡେମସା ନୃତ୍ୟ ପ୍ରତିଯୋଗିତାରେ ଆଖପାଖ ୧୦ରୁ ଅଧିକ ଗ୍ରାମର ୨୧ଟି ଦଳ ଅଂଶଗ୍ରହଣ କରି ଆଦିବାସୀ ସଂସ୍କୃତିର ମନୋରମ ଝଲକ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ମହାଲିଙ୍ଗଗୁଡା ଦଳ ପ୍ରଥମ ସ୍ଥାନ, କାଡାପଦର ଓ କଂସାରୀଗୁଡା ଦଳ ଯୁଗ୍ମ ଦ୍ୱିତୀୟ ସ୍ଥାନ ଏବଂ ପୋଡାପାଡ଼ି ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ସଭାରେ ଆଦିତ୍ୟ ଆଲୁମିନା ରିଫାଇନେରୀ, କଂସାରୀଗୁଡାର ସିଏସଆର ମୁଖ୍ୟ ତନ୍ମୟ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳଗୁଡିକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବସନ୍ତ ପାଣିଗ୍ରାହୀ, ମାନସ ସ୍ୱାଇଁ, ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ଦୁରିଆ, ରେଭେନ୍ୟୁ ଇନ୍ସପେକ୍ଟର ଅଜିତ ଦାସ, ଯାତ୍ରା କମିଟି ସଭାପତି ଦେବୀପ୍ରସାଦ ସ୍ୱାଇଁ, ସମ୍ପାଦକ ଅମୂଲ୍ୟ ବେହେରା, ଗୋପୀନାଥ ନାଏକ, ତ୍ରିପତି ଝୋଡିଆ, ଜ୍ୟୋତି ଚୌଧୁରୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନୀଳକଣ୍ଠ ଝୋଡିଆ, ଶିବଶଙ୍କର ବାଘ ଓ ଅଭିମନ୍ୟୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯାତ୍ରାକୁ ସଫଳ କରିବାରେ ପୋଡାପାଡ଼ିର ଯୁବଗୋଷ୍ଠୀ ଓ ଗ୍ରାମବାସୀଙ୍କ ଉଲ୍ଲେଖନୀୟ ଭୂମିକା ରହିଥିଲା। କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ଯାତ୍ରା କମିଟିର ସଭାପତି ଦେବୀପ୍ରସାଦ ସ୍ୱାଇଁ ଓ ସମ୍ପାଦକ ଅମୂଲ୍ୟ ବେହେରା ସମସ୍ତ ଗ୍ରାମବାସୀଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ।

# ଏସ୍‌ଆଇଆର୍ ସଚେତନତା ରଥ ଶୁଭାରମ୍ଭ କଲେ ଜିଲ୍ଲାପାଳ







ମାଲକାନଗିରି,୪।୬(ସମିସ): ମାଲକାନଗିରି ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ପ୍ରସ୍ତୁତ କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱତନ୍ତ୍ର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ସ୍ୱୀପ୍ କାର୍ଯ୍ୟକ୍ରମ ଅଧୀନରେ ଆରମ୍ଭ ହୋଇଥିବା ଏହି ଅଭିଯାନ ମାଧ୍ୟମରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯିବ। ମାଲକାନଗିରି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସଚେତନତା ରଥର ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ମେଗା ଶୁଭାରମ୍ଭ ସମୟରେ ଜିଲ୍ଲାର ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ୧୪୭-ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ବେଦବର ପ୍ରଧାନ ଏବଂ ଉପ-ଜିଲ୍ଲାପାଳ ତଥା ୧୪୬-ମାଲକାନଗିରି ନିର୍ବାଚନ ମଣ୍ଡଳୀର ଇଆରଓ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ କଲେକ୍ଟରେଟ୍‌ର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ

## ଗାଁ ଗାଁରେ ବଣ୍ଟନ ହେବ ଫର୍ମ

ସାମିଲ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜେଶିର୍କେ କହିଛନ୍ତି ଯେ ଗଣତନ୍ତ୍ରରେ ପ୍ରତ୍ୟେକଟି ଭୋଟ୍‌ର ମୂଲ୍ୟ ଅମୂଲ୍ୟ। ଜିଲ୍ଲାର କୌଣସି ବି ଯୋଗ୍ୟ ନାଗରିକ ଯେପରି ନିଜର ମତାଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ସଚେତନତା ରଥ ଗାଁ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବ ଏବଂ ବିଏଲଓମାନେ ଘର ଘର ବୁଲି ଫର୍ମ ବଣ୍ଟନ କରିବେ। ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ଯେ, ସମସ୍ତେ ଏହି ଅଭିଯାନରେ ସହଯୋଗ କରି ନିଜର ନାମ ଯାଞ୍ଚ କରନ୍ତୁ ଏବଂ ନୂତନ ନାମ ପଞ୍ଜୀକରଣ କରି ଏକ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ କରିବାରେ ପ୍ରଶାସନକୁ ସହାୟତା କରନ୍ତୁ। କେବଳ ସହର ନୁହେଁ, ବରଂ ଗ୍ରାମାଞ୍ଚଳର ଭୋଟରଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରଶାସନ ସିଧାସଳଖ ମଇଦାନକୁ ଓହ୍ଲାଇଛି। ରଥ ଶୁଭାରମ୍ଭ ପରେ ପରେ ଜିଲ୍ଲାପାଳ ଶ୍ରୀ ରାଜେଶିର୍କେ ଏବଂ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମାଲକାନଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏମ୍.ଭି-୭ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ବୁଥ୍ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଚାଲିଥିବା ଭୋଟର ତାଲିକା ସଂଶୋଧନ ଓ ନୂତନ ନାମ ପଞ୍ଜୀକରଣ ପାଇଁ ଫର୍ମ ବଣ୍ଟନ କାର୍ଯ୍ୟର ସେମାନେ ସମୀକ୍ଷା କରିବା ସହ ନିଜେ ଉପସ୍ଥିତ ରହି ଜନସାଧାରଣଙ୍କୁ ଫର୍ମ ବଣ୍ଟନ କରିଥିଲେ। ସ୍ଥାନୀୟ ଲୋକଙ୍କୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ବିଷୟରେ ବୁଝାଇବା ସହ ସମସ୍ତ ଯୋଗ୍ୟ ବ୍ୟକ୍ତି ଯେପରି ଏହି ତାଲିକାରେ ସାମିଲ ହେବେ, ସେଥିପାଇଁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ଯେ, ଯେଉଁମାନଙ୍କର ବୟସ ୧୮ ବର୍ଷ ବା ତା’ଠାରୁ ଅଧିକ ହୋଇଛି କିମ୍ବା ଭୋଟର କାର୍ଡରେ କୌଣସି ସଂଶୋଧନ ଯଥା ନାମ, ବୟସ, କିମ୍ବା ଠିକଣା ଭୁଲ ରହିଛି, ସେମାନେ ତୁରନ୍ତ ନିଜ ଅଞ୍ଚଳର ବିଏଲଓଙ୍କ ସହ ଯୋଗାଯୋଗ କରି ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ଅଭିଯାନର ଲାଭ ଉଠାଇ ପାରିବେ।

# ଓସିଏସ୍‌ରେ ସଫଳ ସପ୍ତେଶ୍ୱରଙ୍କୁ ଆଦିତ୍ୟ ଆଲୁମିନା ପକ୍ଷରୁ ସମ୍ବର୍ଦ୍ଧନା



ଟିକିରି,୪।୬(ସମିସ): ଓସିଏସ୍‌ରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଥିବା ସପ୍ତେଶ୍ୱର ନାଏକଙ୍କୁ ଆଦିତ୍ୟ ଆଲୁମିନା ରିଫାଇନେରୀ, କଂସାରୀଗୁଡା ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜଣାଯାଇଛି। ଏହି ଅବସରରେ ଆଦିତ୍ୟ ଆଲୁମିନା ରିଫାଇନେରୀର ୟୁନିଟ ହେଡ ଡ. ମଜହେର ବେଗ ସପ୍ତେଶ୍ୱର ନାଏକଙ୍କୁ ପୁଷ୍ପଗୁଚ୍ଛ ଓ ଶୁଭେଚ୍ଛା ଜଣାଇ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏଭଳି ଯୁବ ପ୍ରତିଭାମାନେ ଅଞ୍ଚଳର ଗର୍ବ ଓ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ। ଶିକ୍ଷା ଓ ଅଧ୍ୟବସାୟ ମାଧ୍ୟମରେ ସଫଳତାର ଏହି ଯାତ୍ରା ଅନ୍ୟ ଯୁବକ ଯୁବତୀଙ୍କୁ ମଧ୍ୟ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିବ ବୋଲି ସେ ମତ ପ୍ରକାଶ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦୀପକ ମହାନ୍ତି (ଏଚଆର ହେଡ୍), ତନ୍ମୟ ମହାନ୍ତି (ସିଏସଆର ହେଡ୍) ଏବଂ ସମାଜସେବୀ ମୁନା ବେହେରା, ଅନିଲ ନାଏକ, ସୁମନ୍ତ ନାଏକ ଓ ରାଜୁ କୁଳଦୀପ ଉପସ୍ଥିତ ରହିଥିଲେ। ଏହି ଅବସରରେ ଡ. ମଜହେର ବେଗ ଅଞ୍ଚଳର ଶିକ୍ଷା, ଯୁବଶକ୍ତି ଓ ସାମଗ୍ରିକ ଉନ୍ନତି ଉପରେ ଆଲୋଚନା କରିବା ସହ ଯୁବପିଢ଼ିଙ୍କୁ ସମାଜ ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ ଜଣାଇଥିଲେ। ସପ୍ତେଶ୍ୱର ନାଏକଙ୍କ ଏହି ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ, ସମଗ୍ର ଅଞ୍ଚଳ ପାଇଁ ଏକ ଗର୍ବ ଓ ଆନନ୍ଦର ବିଷୟ ପାଲଟିଛି।

# ମାଟିକଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦାୟିତ୍ୱ ଗ୍ରହଣ



ରାୟଗଡ,୪।୬(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ ମାଟିକଣା ସରକାରୀ ଉଚ୍ଚ ବିଦ୍ୟାଳୟର ସିନିୟର ଏସଇଏସ ପ୍ରଧାନଶିକ୍ଷକ ରୂପେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୀପକ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀର୍ଘ ଦିନ ଧରି ଉକ୍ତ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଥିଲା। ଯାହା ଆଜି ପୂରଣ ହୋଇଛି। ଏହା ପୂର୍ବରୁ ଶ୍ରୀ ବେହେରା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଭାବେ ନିଜ ଦାୟିତ୍ୱ ସୂଚାରୁ ରୂପେ ପାଳନ କରିଆସୁଥିଲେ। ପ୍ରକାଶ ଥାଉ କି, ରାଜ୍ୟ ସରକାର ୨୪୭ ୯ ଜଣ ସହକାରୀ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ରୂପେ ପଦୋନ୍ନତି ସହ ନିଯୁକ୍ତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମାଟିକଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ବେହେରା ବିଦ୍ୟାଳୟର ଆନୁସାଙ୍ଗିକ ଉନ୍ନତି ସହ ଗୁଣାତ୍ମକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ‘ଅରୂପା’ ସୁନାବେଡ଼ା ବାଣିଜ୍ୟ ମେଳା

# ପଡ଼ିଆରେ ଛାଡ଼ିଗଲେ କୁଢ଼ କୁଢ଼ ଆବର୍ଜନା



ସୁନାବେଡା,୪।୬(ସମିସ); ସରକାର ସ୍ୱଚ୍ଛତା ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରିବା ସହିତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି ସଫଳ ରୂପାୟନ ପାଇଁ ତୃଣମୂଳ ସ୍ତରରୁ ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ ଅରୂପା ତାକୁ ବିଫଳ କରିବାରେ ଲାଗିଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି ସୁନାବେଡ଼ା-୩ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖ ପଡିଆଠାରେ କିଛି ଦିନ ପୂର୍ବେ ଆୟୋଜିତ ହୋଇଥିବା “ଅରୂପା’ ର ବାଣିଜ୍ୟ ମେଳା। ଏହି ମେଳା ୧୭ ଦିନ ଧରି ଏଠାରେ ଚାଲିଥିଲା। ଏହି ମେଳା ଦ୍ୱାରା ‘ଅରୂପା’ ସଂସ୍ଥା ସ୍ଥାନୀୟ ଲୋକଙ୍କ ଠାରୁ ପୁଳାପୁଳା ଟଙ୍କା ଅର୍ଜନ କଲା ତା’ ବଦଳରେ କୁଢ କୁଢ଼ ଆବର୍ଜନା ଉପହାର ଦେଇଗଲା। କହିବାର କାରଣ ଏହି ଯେ, ଯେଉଁ ଜାଗାରେ ଅରୂପା ମେଳା ଆୟୋଜନ ହୋଇଥିଲା । ୫ ଦିନ ବିତିଗଲାଣି ବର୍ତ୍ତମାନ ସେଠାରେ କୁଢ କୁଢ଼ ଭଙ୍ଗା କାଚ, ଟାଣୁଆ ପ୍ଲାଷ୍ଟିକ, ପଲିଥିନ ଆଦି ଆବର୍ଜ୍ଜନା ପଡ଼ିରହିଛି। ଯାହା ଫଳରେ ପଲିଥିନ ଉଡ଼ି ୨୬ ନଂ ଜାତୀୟ ରାଜପଥରେ ପଡ଼ିବା ଯୋଗୁଁ ଯିବା ଆସିବା କରୁଥିବା ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ପଡିଆରେ ୨ ଟନ୍‌ରୁ ଅଧିକ ଆବର୍ଜନା ପଡ଼ି ରହିଛି। ଗତ ମାସ ୧୪ ତାରିଖ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପଡିଆ ଠାରେ “ଅରୂପା’ର ସର୍ବ ଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଆସି ୩୧ ତାରିଖ ପର୍ଯ୍ୟନ୍ତ ରହିଲା। କିନ୍ତୁ ସ୍ଥାନୀୟ କଳାକାର ଓ ବ୍ୟବସାୟୀଙ୍କୁ ସ୍ଥାନ ଦିଆଗଲା ନାହିଁ। ତା ସହିତ ଏସ୍‌ଏସଜି ମହିଳା ମାନଙ୍କୁ ମଧ୍ୟ ସୁଯୋଗ ଦିଆଗଲା ନାହିଁ। ଯିଏ ନେବାକୁ ଚାହିଁଲେ ମଧ୍ୟ ଉଚ୍ଚ ଦର ଶୁଣାଇ ଦବେଇ ଦେଲେ। କୌଣସି ସ୍ଥାନୀୟ ଟେଣ୍ଟ ହାଉସ ହେଉ ବା ଯେ କୌଣସି ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେଲା ନାହିଁ। ଏହି ଜାଗାଟି ୨୬ ନଂ ଜାତୀୟ ରାଜପଥ ନିକଟରେ ଅବସ୍ଥିତ, ଟ୍ରାଫିକ ଛକଠାରୁ ୧୦ ମିଟର ଦୂରତା ରେ ଅଛି ଏତିକି ନୁହଁ ମଦ ଦୋକାନ ସମ୍ମୁଖରେ ଥିବାରୁ ଗଣ୍ଡଗୋଳ ଭଳି ସମସ୍ୟା ଉପୁଜିଥିଲା ଏହି ସବୁ ବେଳେ ଜନ ଗହଳି ରୁହେ ଅରୂପା ଆସିବା ଫଳରେ ଗାଡି ପାର୍କିଂ ବ୍ୟବସ୍ଥା ଠିକ୍ ନଥିବାରୁ ଲୋକେ ଯାନ ବାହନ ଚଳା ଚଳା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ସ୍ଥାନୀୟ ଲୋକଙ୍କ ସହିତ ପାଟି ତୁଣ୍ଡ ମଧ୍ୟ ହୋଇଥିଲା। ଏଥିପାଇଁ ଦୀର୍ଘ ୨ବର୍ଷ ପରେ ଅରୂପା ଆସିଥିଲା। କିନ୍ତୁ ସେହି କାର୍ଯ୍ୟକୁ ପୁନଶ୍ଚ ଦୋହୋରାଇଥିଲେ ଏହାର ସିଓ ଅଶୋକ କୁମାର ସାହୁ। ବିଭିନ୍ନ ପ୍ରତିଯୋଗିତା ବାହାନାରେ ସ୍ଥାନୀୟ ଲୋକଙ୍କ ଠାରୁ ସ୍ପୋନ୍ସର ବାହାନାରେ ମୋଟା ଅଙ୍କରେ ଟଙ୍କା ନେଇ ନିଜର ନାମ ଲଗାଇବା ସହିତ ସେହି ଲୋକଙ୍କୁ ମୂଳରୁ ପଚାରିଲେ ନାହିଁ। ସ୍ଥାନୀୟ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକେ କହିଛନ୍ତି ଅରୂପା ହେଉ କି ଅନ୍ୟ ଯେ କୌଣସି ମେଳା ଆସୁ କିନ୍ତୁ ସ୍ଥାନୀୟ ଲୋକଙ୍କୁ ପ୍ରାଧାନ୍ୟ ଦେବା ଆବଶ୍ୟକ। ଏବଂ ପ୍ରଶାସନ ଙ୍କୁ ଅନୁରୋଧ କି ଅରୂପାଙ୍କୁ ଆପତ୍ତି ନଥିବା ପ୍ରମାଣପତ୍ର ଦେବା ଆଗରୁ ଏହି ପ୍ରତି ନଜର ଦେବାକୁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି।

# ପୂର୍ବତନ କାଉନ୍‌ସିଲରଙ୍କ ପରଲୋକ



ଗୁଣପୁର,୪।୬(ସମିସ): ଗୁଣପୁର ସହରର ଜଣାଶୁଣା ସମାଜସେବୀ ତଥା ପୂର୍ବତନ କାଉନ୍‌ସିଲର ଆତୁକୁରୁ ନାଗଭୂଷଣ ରାଓ(ନାଗୁ)ଙ୍କ ୭୪ ବର୍ଷ ବୟସରେ ପରଲୋକ ଘଟିଛି। ଆଜି ସକାଳେ ଘର ପଛପଟେ କୌଣସି କାମରେ ବ୍ୟସ୍ତ ରହିଥିବା ବେଳେ ସେ ପଡି ଯାଇଥିଲେ। ତୁରନ୍ତ ତାଙ୍କୁ ପରିବାର ଲୋକେ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାକୁ ନେବାରୁ ଡାକ୍ତର ହୃଦଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ଧର୍ମପତ୍ନୀ ତଥା ପୂର୍ବତନ ପୌର ଅଧ୍ୟକ୍ଷା ଭାଗ୍ୟ ଲକ୍ଷ୍ମୀ, ଦୁଇ ପୁଅ ସୁରେଶ, ରାଜେଶ, ବୋହୂ, ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତ ନାଗୁ ସୁତରୀ ଅଶୀ ଦଶକରେ କଂଗ୍ରେସ ଦଳରେ ଜଣେ ଦୃଢ଼ ସଙ୍ଗଠକ ଭାବେ କାର୍ଯ୍ୟ କରି ନିଜେ କାଉନସିଲର, ଧର୍ମପତ୍ନୀଙ୍କୁ ପୌର ଅଧ୍ୟକ୍ଷା ଏବଂ ବୋହୁ ବିନୋଦ୍ନୀଙ୍କୁ କାଉନସିଲର କରିଥିଲେ। ଗୁଣପୁର ସହରର ୬ ନମ୍ବର ୱାଡର୍‌ରେ କାଉନସିଲର ଭାବେ ସେ ନିର୍ବାଚିତ ହୋଇ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ସେ ଜଣେ ସୁସଙ୍ଗଠକ ଭାବେ ପରିଚିତ ଥିଲେ। ତାଙ୍କ ଅମଳରେ ନିଜେ ସାଇକେଲରେ ଗୁଣପୁର ସହରର ସାହି ଗଳିକନ୍ଧି ଇତ୍ୟାଦି ବୁଲି ପରିମଳ ଓ ସଫେଇ କାର୍ଯ୍ୟ ତଦାରଖ କରିବା ସହ ବୁଢ଼ାବୁଢ଼ୀ ଓ ବିଧବା ମାନଙ୍କୁ ଭତ୍ତା କରାଇଥିଲେ। ସ୍ୱର୍ଗତଃ ନାଗୁ ୨୦୧୯ ମସିହାରେ ବିଜେଡିରେ ଯୋଗ ଦେଇଥିଲେ। ତାଙ୍କ ବିୟୋଗ ଅପୂରଣୀୟ କ୍ଷତି ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

# ଢେପଗୁଡ଼ା ପ୍ରାଥମିକ ବିଦ୍ୟାଳୟ୍ଙ୍କ ଶ୍ରେଣୀ ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଜୟପୁର, ୪।୬ (ସମିସ) : ଜୟପୁର ସହରର ଢେପଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟକ ଅତିରିକ୍ତ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ନଡିଆ ଭାଙ୍ଗି ଏହାର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରିଛନ୍ତି। ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁଁ ଏହି ପୁରାତନ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହର ଆବଶ୍ୟକତା ରହିଥିବା ଯୋଗୁଁ ନୂତନ ଶ୍ରେଣୀ କକ୍ଷର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ଯଥାଶୀଘ୍ର ଶେଷ କରିବାକୁ ବିଧାୟକ ଶ୍ରୀ ବାହିନୀପତି ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉପାଧ୍ୟକ୍ଷା ବି. ସୁନିତା ଏବଂ ସ୍ଥାନୀୟ କାଉନ୍‌ସିଲର ଦେବେନ୍ଦ୍ର ଚୌଧୁରୀ ଏବଂ ଅନ୍ୟାମାନେ ଉପସ୍ଥିତ ଥିଲେ।

## ଜୋନ୍‌ସ୍ତରୀୟ ଆନ୍ତଃ ଜିଲ୍ଲା ଭଲିବଲ ଓ କବାଡି ଚାମ୍ପିଅନ୍‌ସିପ୍

# ୪୬ କ୍ରୀଡ଼ାବିତ୍‌ଙ୍କ ବୌଦ୍ଧ ଓ ବ୍ରହ୍ମପୁର ଗସ୍ତ





ମାଲକାନଗିରି, ୪।୬(ସମିସ): ୧୪ ବର୍ଷରୁ କମ୍ ସିଏମ୍ ଟ୍ରଫି , ଜୋନ ସ୍ତରୀୟ ଆନ୍ତଃ ଜିଲ୍ଲା ଭଲିବଲ ଓ କବାଡ଼ି ଚାମ୍ପିଅନ୍‌ସିପ ୨୦୨୬ ପାଇଁ ଆଜି ମାଲକାନଗିରି ଜିଲ୍ଲାର ଉଭୟ ବାଳକ ଓ ବାଳିକା ବର୍ଗର ମୋଟ ୪୬ ଜଣ କ୍ରୀଡ଼ାବିତ ବୌଦ୍ଧ ଓ ବ୍ରହ୍ମପୁର ଗସ୍ତ କରିଛନ୍ତି। ବୌଦ୍ଧ ଓ ବ୍ରହ୍ମପୁର ଜୋନରେ ମୋଟ ୮ଟି ଲେଖାଏଁ ଜିଲ୍ଲାର ଦଳ ଅଂଶ ଗ୍ରହଣ କରୁଛନ୍ତି। ଭଲିବଲ ଚାମ୍ପିଅନ୍‌ସିପ୍ ଆସନ୍ତା ୫ତାରିଖରୁ ୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ କବାଡି ଚାମ୍ପିଅନ୍‌ସିପ୍ ଆସନ୍ତା ୫ତାରିଖରୁ ଆରମ୍ଭ ହୋଇ ଆସନ୍ତା ୭ ତାରିଖରେ ଶେଷ ହେବ। ଆଜି ମାଲକାନଗିରି ଜିଲ୍ଲାର ୧୧ଜଣ ବାଳକ ଓ ୧୨ ଜଣ ବାଳିକା ଭଲିବଲ କ୍ରୀଡ଼ାବିତଙ୍କ ସହ ବାଳକ ବର୍ଗର କୋଚ ସନିଆ ମାଡକାମୀ, ମ୍ୟାନେଜର ଭଗତରାମ ନାୟକ ଓ ବାଳିକା ବର୍ଗର କୋଚ ସୁମିତ୍ରା ମହାନ୍ତି ବୌଦ୍ଧ ଅଭିମୁଖେ ଏକ ଘରୋଇ ବସରେ ଯାତ୍ରା ଆରମ୍ଭ କରିଛନ୍ତି। ମାଲକାନଗିରି ଦଳ ଆସନ୍ତା ୫ ତାରିଖରେ କୋରାପୁଟ ଦଳ ଓ ରାୟଗଡା ଦଳ ସହ ଖେଳିବାର କାର୍ଯ୍ୟକ୍ରମ ଥିବା ବେଳେ ଆସନ୍ତା ୬ତାରିଖରେ କନ୍ଧମାଳ ଦଳ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି କ୍ଷ ଆସନ୍ତା ୬ତାରିଖ ସନ୍ଧ୍ୟାରେ ଜୋନ ସ୍ତରୀୟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏଥିସହ ମାଲକାନଗିରି ଜିଲ୍ଲାର ୧୧ ଜଣ ବାଳକ ଓ ୧୨ ଜଣା ବାଳିକା କବାଡି କ୍ରୀଡ଼ାବିତଙ୍କ ସହ କୋଚ ଚିତ୍ତରଞ୍ଜନ ହରିଚନ୍ଦନ, ବାଳିକା ଦଳର କୋଚ ଚନ୍ଦ୍ର ନାୟକ ଓ ମ୍ୟାନେଜର ପାର୍ବତୀ ମାଝୀ ଆଜି ଏକ ଘରୋଇ ବସ ଯୋଗେ ବ୍ରହ୍ମପୁର ଗସ୍ତ କରିଛନ୍ତି । ମାଲକାନଗିରି କବାଡି ଦଳ ଆସନ୍ତା ୫ ତାରିଖରେ କୋରାପୁଟ ଦଳ ସହ ଖେଳିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆସନ୍ତା ୬ ତାରିଖରେ ଗଞ୍ଜାମ ଓ ନବରଙ୍ଗପୁର ଦଳ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୭ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଗସ୍ତ ସମୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନ୍ନା ତୁରୁକଙ୍କ ସମେତ ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନର କର୍ମକର୍ତ୍ତାଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କୁ ଉଚ୍ଚମାନର କ୍ରୀଡା ପ୍ରଦର୍ଶନ କରିବାକୁ ପରାମର୍ଶ ଦେବା ସହ ଶୁଭକାମନା ଜଣାଇଥିଲେ।

● ରାଜଦାଣ୍ଡ ମାପ୍‌ଚୁପ୍ କଲେ ତହସିଲଦାର

# ରଥଯାତ୍ରା ଅଘଟଣର ପୁନରାବୃତ୍ତି ନହେବା ଲାଗି ପଦକ୍ଷେପ



ନନ୍ଦପୁର, ୪।୬ (ସମିସ): ଗତ ବର୍ଷ ଘଟିଥିବା ରଥଯାତ୍ରା ଅଘଟଣର ପୁନରାବୃତ୍ତି ନ ହେବା ଲାଗି ପ୍ରଶାସନ ସଜାଗ। ନୂତନ ଭବ୍ୟ ରଥ ସହ ଗତ ନନ୍ଦପୁର ରଥଯାତ୍ରାରେ ଦେଖା ଦେଇଥିବା ଅନେକ ତ୍ରୁଟିକୁ ଆଖି ଆଗରେ ରଖି ଚଳିତ ରଥଯାତ୍ରା ଲାଗି ନନ୍ଦପୁର ପ୍ରଶାସନ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଛି। ରାସ୍ତା ତୁଳନାରେ ନବ ନିର୍ମିତ ରଥର ଆକାର କିଞ୍ଚିତ୍ ବଡ଼ ଥିବାରୁ ଗତ ରଥ ଯାତ୍ରାରେ ରଥ ପରିଚାଳନା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେହିସବୁ ଅସୁବିଧାର ପୁନରାବୃତ୍ତି ଯେପରି ନ ହୁଏ, ସେ ନେଇ ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ରାଜସ୍ୱ ସୁପରଭାଇଜର ସୋମନାଥ ମୁଦୁଲି, ରାଜସ୍ୱ ନିରୀକ୍ଷକ ମଧୁସୂଦନ ଖେମୁଣ୍ଡୁ, ଥାନା ଅଧିକାରୀ ତ୍ରିନାଥ ତୋଟାପାଡ଼ିଆ, ଏ ଏସ ଆଇ ଗୁପ୍ତେଶ୍ୱର ଗୌଡ, ବୁଦ୍ଧିଜୀବୀ କେଶବ ଚୌଧୁରୀ, ଜଗନ୍ନାଥ ପାଙ୍ଗି ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ନନ୍ଦପୁର ବଡ଼ଦାଣ୍ଡର ମାପଚୁପ କରାଯାଇଛି। ସୂଚିତ ଯେ, ଗତବର୍ଷ ରଥଯାତ୍ରାରେ ଉଭୟ ଘୋଷଯାତ୍ରା ଓ ବାହୁଡ଼ାରେ ଘଟିଥିବା ଅଘଟଣ ସବୁର ପୁନରାବୃତ୍ତି ନହେବା ପାଇଁ ଦେବୋତ୍ତର ବିଭାଗ ଅଧ୍ୟକ୍ଷ ତଥା ତହସିଲଦାର ଦେବବ୍ରତ ମହାରଣା ଆଗୁଆ ପଦକ୍ଷେପ ନେଇ ଗୁରୁବାର ଅପରାହ୍ନରେ ରାଜଦାଣ୍ଡର ସ୍ଥିତି ସମୀକ୍ଷା କରିବା ସହ ତାହାର ମାପଚୁପ କରିଛନ୍ତି।

## ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ

# ଜୟପୁର କ୍ୟାମ୍ପ୍ କୋର୍ଟରେ ୬୫ଟି ମାମଲାର ଶୁଣାଣି





ଜୟପୁର, ୪।୬ (ସମିସ):

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର) ପକ୍ଷରୁ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ କ୍ୟାମ୍ପ୍ କୋର୍ଟ ଓ ଜନଶୁଣାଣି ଆଜି ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଉପ ଜିଲ୍ଲାପାଳ ସମ୍ମିଳନୀ କକ୍ଷଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆୟୋଗର ଅଧ୍ୟକ୍ଷା ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଶିଶୁ ଅଧିକାର ସୁରକ୍ଷା, ଶିକ୍ଷା, ଶିଶୁ କଲ୍ୟାଣ ଏବଂ ଅନ୍ୟାନ୍ୟ ସମ୍ପର୍କିତ ବିଷୟକୁ ନେଇ ଶୁଣାଣି କରିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଶିଶୁମାନଙ୍କ ଅଧିକାର ସୁରକ୍ଷା ଓ ସେମାନଙ୍କ ସମ୍ପର୍କିତ ଅଭିଯୋଗର ତଦନ୍ତ ଓ ସମାଧାନ ପାଇଁ କାର୍ଯ୍ୟ କରୁଛି। ଆଜିର ଏହି କ୍ୟାମ୍ପ କୋର୍ଟ ଏବଂ ଜନଶୁଣାଣିରେ ସମୁଦାୟ ୬୫ଟି ମାମଲାର ଶୁଣାଣି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଅଧ୍ୟକ୍ଷା ବବିତା ପାତ୍ର, ଅଧ୍ୟକ୍ଷା, ସଦସ୍ୟା ସୁଜାତା ନାୟକ, ସଦସ୍ୟା କସ୍ତୁରୀ ମିଶ୍ର, ସଦସ୍ୟା ମନସ୍ମିତା ଖୁଣ୍ଟିଆ, କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଆଇନ ପରାମର୍ଶଦାତା ଅବଦୁଲ ରେହେମାନ ପ୍ରମୁଖ ଉପସ୍ଥିତ ରହିଥିଲେ । କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀମାନେ ନିଜ ନିଜ ଅଭିଯୋଗ ଉପସ୍ଥାପନ କରିଥିଲେ। ଅଧିକାଂଶ ଅଭିଯୋଗ ବିଭିନ୍ନ ବିଦ୍ୟାଳୟ ସହ ଜଡିତ ଥିବାବେଳେ, ଶିକ୍ଷା ବ୍ୟବସ୍ଥା, ଭିତ୍ତିଭୂମି ସୁବିଧା ରାଶନ କାର୍ଡ ନ ମିଳିବା ଏବଂ ଶିଶୁମାନଙ୍କ ଅଧିକାର ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆୟୋଗ ଶୁଣାଣି କରିଥିଲେ। ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆୟୋଗ ପକ୍ଷରୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସ୍ନେହପ୍ରଭା ମାଝୀ, ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତୃପ୍ତି ବୋରେଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସଙ୍ଗୀତା ରାଣି ପାଣି, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଡ.ଗାୟତ୍ରୀ ଦେବୀ, ସଦସ୍ୟ ସୁରେନ୍ଦ୍ର କରଣ ଏବଂ ସଦସ୍ୟା ଶିବାନୀ ପାତ୍ର, ପୁଲିସ ବିଭାଗର ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଜନଶୁଣାଣି ସମୟରେ ଉଠିଥିବା ବିଭିନ୍ନ ଅଭିଯୋଗ ଓ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଆୟୋଗ ପକ୍ଷରୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ସ୍ୱାର୍ଥ ସୁରକ୍ଷା ଓ ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ



ନନ୍ଦପୁର,୪।୬ (ସମିସ): ନନ୍ଦପୁର ରାଜସ୍ୱ କାର୍ଯ୍ୟାଳୟ ପକ୍ଷରୁ ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଛି। ଆଜି ତହସିଲଦାରଙ୍କ ଉପସ୍ଥିତିରେ ନନ୍ଦପୁର ଗ୍ରାମପଞ୍ଚାୟତର ସରିଆପୁଟ ଗ୍ରାମର ୫୦ରୁ ଅଧିକ ଜମିହୀନ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଜମିପଟ୍ଟା ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତହସିଲଦାର ଦେବବ୍ରତ ମହାରଣାଙ୍କ ସହ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ରାଜସ୍ୱ ସୁପରଭାଇଜର ସୋମନାଥ ମୁଦୁଲି, ରାଜସ୍ୱ ନିରୀକ୍ଷକ ମଧୁସୂଦନ ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ରାଜସ୍ୱ ଅନ୍ତର୍ଗତ ନନ୍ଦପୁର ବ୍ଲକରେ ସ୍ଥିତ ଭୂମିହୀନ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଜମି ଯୋଗାଇ ଦେବାକୁ ତହସିଲଦାର ଶ୍ରୀ ମହାରଣା କହିଛନ୍ତି। ସାରିଆପୁଟର ୫୦ରୁ ଅଧିକ ଭୂମିହୀନ ପରିବାରକୁ ଘରଡିହ ପଟ୍ଟା ପ୍ରଦାନ ପରେ ସାରିଆପୁଟ ଗ୍ରାମର ୱାର୍ଡ ମେମ୍ବର ଲଳିତ ମୁଦୁଲି ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନକୁ ଧନ୍ୟବାଦ୍ ଜଣାଇଛନ୍ତି।

## ଶିଶୁଙ୍କ ଥଇଥାନ ନେଇ ସ୍ୱତନ୍ତ୍ର କ୍ୟାମ୍ପ୍



ଜୟପୁର, ୪।୬ (ସମିସ): କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ପିତୃ ଓ ମାତୃହୀନ ଏବ ଏକକ ଅବିଭାବକ ଶିଶୁଙ୍କ ଉପଯୁକ୍ତ ଥଇଥାନ ନେଇ ସ୍ୱତନ୍ତ୍ର କ୍ୟାମ୍ପ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମ ଆଜିର ଏହି କ୍ୟାମ୍ପରେ ସର୍ବମୋଟ ୨୩୮ ଜଣ ସୁରକ୍ଷା ଏବଂ ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନା କରାଯାଇଥିଲା। ଶିଶୁମଙ୍ଗଳ ସମିତିର ତଦନ୍ତ ସମାପ୍ତ ପରେ ସେହି ଶିଶୁମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣ ମୂଳକ ଯୋଜନାରେ ସାମିଲ କରାଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସେମାନଙ୍କ ସର୍ବାଙ୍ଗିନ ବିକାଶକୁ ସୁନିଶ୍ଚିତ କରାଯିବ। କୋରାପୁଟ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଜୟପୁର ସମ୍ମନ୍ନୟ ଶିଶୁ ବିକାଶ ସଂସ୍ଥା, ଉପଖଣ୍ଡ ଏବଂ ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଉକ୍ତ କ୍ୟାମ୍ପର ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଏବଂ ସଦସ୍ୟସଦସ୍ୟାଙ୍କ ସମ୍ମୁଖରେ ଶିଶୁ ମାନଙ୍କୁ ଉପସ୍ଥାପନା କରାଯାଇଥିଲା । ଜିଲ୍ଲାଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା, ଉତ୍କଳ ବାଳାଶ୍ରମର ସୁପେରିଣ୍ଟେଣ୍ଡେଣ୍ଟ, ଶୋଭା ଏନଜିଓ, ଚାଇଲଡ ହେଲ୍ପ ଲାଇନର କର୍ମକର୍ତ୍ତା ଏବଂ ଅଙ୍ଗନୱାଡି କର୍ମୀ ଉକ୍ତ କାର୍ଯ୍ୟକ୍ରମକୁ ପରି ଚାଳନରେ ସହାୟକ କରିଥିଲେ । ଏହି ସ୍ୱତନ୍ତ୍ର କ୍ୟାମ୍ପ ଗୁଡିକ କୋରାପୁଟ ଜିଲ୍ଲାର ପ୍ରତ୍ୟକ ବ୍ଲକରେ ଜିଲ୍ଲାପାଳଙ୍କ ନିର୍ଦ୍ଧାରିତ କାର୍ଯ୍ୟସୂଚି ଅନୁସାରେ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଉକ୍ତ କ୍ୟାମ୍ପଗୁଡିକରେ ଉପସ୍ଥିତ ରହି ତଦନ୍ତ ଓ ଯାଞ୍ଚ ମାଧ୍ୟମରେ ସମସ୍ୟାର ସମାଧାନ ଏବଂ ଶିଶୁମାନଙ୍କ ଥଇଥାନ ପାଇଁ ସହଯୋଗ ବ୍ୟବସ୍ଥା କରିବେ। ଜିଲ୍ଲାର ସମସ୍ତ ବ୍ଲକ ମୁଖ୍ୟାଳୟରେ ଏହି କ୍ୟାମ୍ପ ଗୁଡିକ ଗତ ମେ ୧୨ ତାରିଖ ଠାରୁ ଆରମ୍ଭ ହୋଇଛି ଏବଂ ଆସନ୍ତା ଜୁଲାଇ ୩୧ ତାରିଖରେ ପର୍ଯ୍ୟନ୍ତ ଚାଲୁ ରହିବ।

## ସୁନାବେଡ଼ା ତାରା ତାରିଣୀ ହୋଟେଲରୁ ଘନଘନ ଚୋରି




ସୁନାବେଡ଼ା,୪।୬(ସମିସ); ସୁନାବେଡ଼ା -୧ ବସ୍‌ଷ୍ଟାଣ୍ଡ ସ୍ଥିତ ତାରା ତାରିଣୀ ହୋଟେଲରେ ଗତ ମେ ମାସ ୨୩ ତାରିଖରେ ବିଜୁଳି ସରବରାହ ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ହୋଟେଲ ରୋଷେଇ ଘରର ଲୁହାର ଜାଲି କାଟି ହୋଟେଲ ଭିତରେ ପଶି ଭିତରେ ଥିବା ତିନୋଟି ଗ୍ୟାସ୍ ସିଲିଣ୍ଡର , ହୋମଥେଟର, କାନ୍ଥ ପଙ୍ଖା, ନଗଦ ୭୦୦ ଟଙ୍କା ଇତ୍ୟାଦି ଚୋରି କରି ନେଇଯାଇଛନ୍ତି। ମଙ୍ଗଳବାର ୨/୬ ତାରିଖରେ ପୁନଶ୍ଚ ଚୋରି ଉଦ୍ୟମରେ ତାଙ୍କ ହୋଟେଲ ସମ୍ମୁଖରେ ଥିବା ଟେବୁଲ୍‌କୁ ନେବାକୁ ଚେଷ୍ଟା କରିଥିଲେ । କିନ୍ତୁ ବିଫଳ ହୋଇଛନ୍ତି। ହୋଟେଲର ପଡୋଶୀ ଦୋକାନୀର ସମ୍ମୁଖରେ ଥିବା ଟେବୁଲ୍‌କୁ ନେବାକୁ ଉଦ୍ୟମ କରିଥିଲେ। କିନ୍ତୁ ସକ୍ଷମ ହୋଇନାହାନ୍ତି। ସ୍ଥାନୀୟ ଲୋକେ କଡ଼ାକଡ଼ି ପାଟ୍ରୋଲିଂ କରିବା ପାଇଁ ଦାବି କରୁଛନ୍ତି।

## ନବରଙ୍ଗପୁର ଜିଲ୍ଲା କଂଗ୍ରେସର ସମୀକ୍ଷା ବୈଠକ



ନବରଙ୍ଗପୁର, ୪।୬(ସମିସ):
ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ସମ୍ପାଦକ ତଥା ସହ ପ୍ରଭାରୀ ଜେଟି.କୁସୁମ କୁମାର ୬ ଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ନବରଙ୍ଗପୁର ପହଞ୍ଚି ସ୍ଥାନୀୟ ଗ୍ଲେଜ୍ ହୋଟେଲ ଠାରେ ଜିଲ୍ଲାର ସମସ୍ତ ବ୍ଲକ, ପୌର ପରିଷଦ, ପୂର୍ବତନ ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ ବହୁ ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ଏକ ଦଳୀୟ ଚିନ୍ତନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବୁଥ ସ୍ତରରୁ ଦଳ କିଭଳି ମଜଭୁତ ହେବ, ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ କିଭଳି ଲଢ଼ିବ, ସେଥିପାଇଁ ଜେଟି କୁସୁମ କୁମାର କର୍ମୀଙ୍କୁ ଦିଗଦର୍ଶନ ଦେଇଥିଲେ। ଜିଲ୍ଲାରେ ଥିବା ସମସ୍ତ ୪ଟି ଯାକ ବିଧାନସଭା ମଣ୍ଡଳୀର ସମସ୍ତ ବୁଥ୍‌ରେ ବିଏଲଓ ନିଯୁକ୍ତିକୁ ନେଇ ନିଜ ମତ ପ୍ରକାଶ କରିଥିଲେ। ବର୍ତ୍ତମାନ ଦେଶରେ ତଥା ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ସମୟରେ ଲୋକ କିଭଳି ହନ୍ତସନ୍ତ ଜୀବନ ବିତାଉଛନ୍ତି, ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶ ଛୁଆଁ ଦର ବୃଦ୍ଧି, ଖାଇବା ତେଲ, ଗ୍ୟାସ ଠାରୁ ଆରମ୍ଭ କରି ଡିଜେଲ, ପେଟ୍ରୋଲ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ସାଧାରଣ ଖାଉଟିଙ୍କ ନିତିଦିନିଆ ଜୀବନଚର୍ଯ୍ୟାକୁ ଦୋହଲାଇ ଦେଇଛି। ଏହି ଅବସରରେ ସେ ଡବଲ୍ ଇଞ୍ଜିନ ସରକାରୀ ବିଫଳତା କଥା କହିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ପିସିସି ପକ୍ଷରୁ ପୂର୍ବତନ ଜିଲ୍ଲା ସଭାପତି ଗୋବିନ୍ଦ ପାତ୍ର ଓ ପିସିସି ସାଧାରଣ ସମ୍ପାଦକ ପୁରୁଷୋତ୍ତମ ଗୁପ୍ତାଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଥିଲେ। ଶେଷରେ ବ୍ଲକ ୱାରି କର୍ମୀଙ୍କୁ ସାକ୍ଷାତ କରି ସମସ୍ୟା ପଚାରି ବୁଝିଥିଲେ। ଆଜିର ଏହ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁଶ୍ରୀ ଲିପିକା ମାଝୀ ସଭାପତିତ୍ୱ କରିଥିବା ବେଳେ ନନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ମୁନା ତ୍ରିପାଠୀ, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ପି ନାଗ ରତ୍ନମ, ଦିଲ୍ଲୀପ ବେହେରା, ବ୍ଲକ ସଭାପତି ତଥା ବରିଷ୍ଠ ନେତା ବୃନ୍ଦାବନ ତ୍ରିପାଠୀ,ଜି ସାଇ ରାଜୁ,ପଦମ୍ ସାଇ ମାଳି,କୃଷ୍ଣ ମାଝୀ, ତମ୍ଭୁଦାସ ପାନକା,ଅବଦୁଲ ଫିରୋଜ,ପ୍ରହଲ୍ଲାଦ ହିଆଲ,ମହେଶ୍ୱର ମାଝି,ଶଙ୍କର ଦେ,ସୁରେନ୍ଦ୍ର ନାୟକ,ପର୍ଶୁ ନାୟକ,ଗଣେଶ ପଟନାୟକ, ପ୍ରଦୀପ ସାହୁ,ଶ୍ରୀକାନ୍ତ ମିଶ୍ର,ବାବୁଲା ପଟ୍ଟନାୟକ,ଶିବ ରାମ ରାଜୁ,ବଂଶୀ ମାଝୀ,ପ୍ରକାଶ ପଣ୍ଡା,ଭୀମ ପାଣିଗ୍ରାହୀ,କିଶୋର ସିଂ,ଆକବର ହୁସେନ୍, ହୁସୁନା ବାନ, ହାଇସା ବାନ,ଏସ୍ ବିଜୟ, ସନ୍ତୋଷ ପଟ୍ଟନାୟକ, ବାବୁଲି ବାଘଙ୍କ ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମା’ ମାଉଲୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



କୁନ୍ଦୁରା,୪।୬(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଆସନା ପଞ୍ଚାୟତ ସଦର ଗାଁରେ ମା’ ମାଉଲୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ କୁନ୍ଦୁରା ଓ ବୈପାରୀଗୁଡ଼ା ବ୍ଲକରୁ ୧୬ ଟି ଦଳ ଭାଗ ନେଇଥିଲେ। ଗତ ୧୪ ତାରିଖ ଠାରୁ ଆରମ୍ଭ ହୋଇଥିଲା ଟୁର୍ଣ୍ଣାମେଣ୍ଟ। ଆଜି ଫାଇନାଲ ମ୍ୟାଚରେ କେରମେଟି ପଞ୍ଚାୟତ ଗମକାପଦର ଦଳ ପ୍ରଥମ ଏବଂ ଆସନା ଦଳ ଦିତୀୟ ସ୍ଥାନ ଅଧିକାର କରିଛନ୍ତି ଓ ଅତିଥି ଭାବେ ସରପଞ୍ଚ ଜୟନ୍ତୀ କୁଷପାରିଆ, ନାଏବ ସରପଞ୍ଚ ରାମସିଂ ଗୌଡ଼, ଗାଁ ମୁଖିଆ ମତିରାମ ନାୟକ, ସମାଜସେବୀ ସୁରେନ୍ଦ୍ର ସଗରିଆ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱାରା ଖେଳାଳୀଙ୍କ ମଧ୍ୟରେ ଭଲ ପ୍ରଦର୍ଶନ କରିବାର ମନୋବଳ ବଢୁଛି। ଖେଳାଳି ମାନଙ୍କ ମଧ୍ୟରେ ପରିଚୟ ଓ ବନ୍ଧୁତା ସୃଷ୍ଟି ହେଉଛି ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଅତିଥି ମାନଙ୍କ ଦ୍ୱାରା ୱିନର ଗମକାପଦର ଦଳକୁ ସିଲ୍ ସହ ୧୦ ହଜାର ଏବଂ ରନର୍ସ ଆସନା ଦଳକୁ ସିଲ୍ ସହ ୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥାଏ। ମା’ ମାଉଲୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ମଙ୍ଗରାଜ ଭୂମିଆ, ସଦସ୍ୟ ମଙ୍ଗଳା ଦୁରୁଆ, ରଘୁନାଥ ଗୌଡ଼, ମତିରାମ ଦୁରୁଆ, ଗୁରୁନାଥ ଭୂମିଆ, ତୁଳସୀରାମ ହରିଜନ ଏବଂ ପଙ୍କଜ ବିଶ୍ୱାସ ଓ ଅନ୍ୟ ମାନେ ପରିଚାଳନା କରିଥିଲେ।

## ଶିବ ବାରିକ ବିଧାୟକ ପ୍ରତିନିଧି ମନୋନୀତ



ସେମିଳିଗୁଡା, ୪।୬ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରାଜପୁଟ ଗ୍ରାମପଞ୍ଚାୟତ ପାଇଁ ବିଧାୟକ ରାମ ଚନ୍ଦ୍ର କାଡାମଙ୍କ ପ୍ରତିନିଧି ଭାବରେ ଶିବ ବାରିକଙ୍କୁ ନିଯୁକ୍ତ କରାଯାଇଛି। ଏହି ଅବସରରେ ସେମିଳିଗୁଡା ସ୍ଥିତ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମଙ୍କ ବାସଭବନରେ ଗୁରୁବାର ବିଧାୟକ ଶିବ ବାରିକଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଲୋକଙ୍କ ସେବା, ଅଞ୍ଚଳର ବିକାଶ ଓ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ନିବେଦନ କରିଛନ୍ତି। ନବ ନିଯୁକ୍ତ ଶିବ ମଧ୍ୟ ବିଧାୟକ କାଡାମଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ କଂଗ୍ରେସ ସଭାପତି ସୋନିଆ ମାଝୀ , ବିଧାୟକ ପ୍ରତିନିଧି ମହେଶ୍ୱର ଖିଲ, ରାଜପୁଟ ସରପଞ୍ଚ ପିତାମ୍ବର କିର୍ଷନୀ, ପଞ୍ଚାୟତର ନେତା କର୍ମୀ ଉପସ୍ଥିତ ଥିଲେ।

## ଯାଦବ ସମାଜର ବୈଠକ



ବୈପାରୀଗୁଡ଼ା,୪।୬(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତର ବେରଗାଁ ମାଝୀଗୁଡାଠାରେ ଯାଦବ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ବ୍ଲକ ସଭାପତି ଧାନ ଗୌଡ଼ଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ବ୍ଲକର ୧୮ଟି ପଞ୍ଚାୟତର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ସଙ୍ଗଠନର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ସମାଜ ବିଭିନ୍ନ କ୍ଷେତ୍ରରେ ଆଗକୁ ଯାଇଥିଲେ ମଧ୍ୟ ଶିକ୍ଷା, ଆର୍ଥିକ୍ର ସଂସ୍କାର ଦିଗରେ କାମ କରିବା ଆବଶ୍ୟକତା ରହିଥିବା ବକ୍ତାମାନେ ଆଲୋଚନା କରିଥିଲେ। ପଞ୍ଚାୟତସ୍ତରୀୟ ସଂଗଠନ ଗଠନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ନିଷ୍ପତି ହୋଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାଥୀରାମ ନାୟକ, ଗଣପତି ନାୟକ , ଲଳିତ ଗୌଡ଼, ଧନୁର୍ଜ୍ୟୟ ନାୟକ, ତ୍ରିଲୋଚନ ଖରା, ଦୌତାରୀ ଗୌଡ଼, ଜଗୁ ଗୌଡ଼, ପୀତବାସ ପାଙ୍ଗି, କମାଲଚନ ଗୌଡ଼, ବୁଟି ଗୌଡଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍ଦ୍ରାବତୀରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି

# ଯୋଜନା ବୋର୍ଡ ଅଧ୍ୟକ୍ଷ, ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ





ତେନ୍ତୁଲିଖୁଣ୍ଟି, ୪।୬(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଇନ୍ଦ୍ରାବତୀ ଠାରେ ଏକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହେଉଛି । ଏନେଇ ଇନ୍ଦ୍ରାବତୀ ବଣିକ ସଂଘ ଏବଂ ଚାରିଗୋଟି ପଞ୍ଚାୟତର ନିର୍ବାଚିତ ଲୋକ ପ୍ରତିନିଧି ମଣ୍ଡଳୀଙ୍କ ସମେତ ଅଞ୍ଚଳବାସୀ ମିଳିତ ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ନବରଙ୍ଗପୁର ଜିଲ୍ଲାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରୁଥିବା ଇନ୍ଦ୍ରାବତୀରେ ବସଷ୍ଟାଣ୍ଡର ନିହାତି ଆବଶ୍ୟକତା ରହିଛି। ଏଠାରେ ଅନେକ ଘରୋଇ ତଥା ସରକାରୀ ବସ ରାତ୍ରିରେ ରହୁଛି। ତେବେ ବସଷ୍ଟାଣ୍ଡ ନଥିବାରୁ ବସ ଗୁଡିକ ରାସ୍ତା କଡ଼ ନଚେତ ବିଭିନ୍ନ ଗଳି କନ୍ଦିରେ ରହୁଛି । ଇନ୍ଦ୍ରାବତୀରେ ଶିକ୍ଷା ଏବଂ ବ୍ୟାଙ୍କ ତଥା ଟ୍ରେଜରୀ ଓ ପୋଷ୍ଟାଲ କାର୍ଯ୍ୟ ପାଇଁ ପ୍ରତିଦିନ ଲୋକଙ୍କ ଆଗମନ ଲାଗିରହୁଛି । ଏଠାରେ ନବୋଦୟ ବିଦ୍ୟାଳୟ, +୨ ମହାବିଦ୍ୟାଳୟ , ଯୁକ୍ତ ତିନି ମହାବିଦ୍ୟାଳୟ , ଶ୍ରୀ ଅରବିନ୍ଦ ଶିକ୍ଷା କେନ୍ଦ୍ର, ସରସ୍ୱତୀ ବିଦ୍ୟା ମନ୍ଦିର, ଇଣ୍ଡସ ପବ୍ଲିକ ସ୍କୁଲ ସମେତ ବହୁ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ପ୍ରକଳ୍ପ କାର୍ଯ୍ୟାଳୟ ,୨ ଟି ଅତିଥି ଭବନ ଏବଂ ୩୦୦ରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ପ୍ରସିଦ୍ଧ ଗୋପାଳ ଶ୍ରୀକ୍ଷେତ୍ର ସମେତ ବହୁ ମନ୍ଦିର ଏବଂ ଇନ୍ଦ୍ରାବତୀ ଡ୍ୟାମ୍ ଅଞ୍ଚଳ ପରିଦର୍ଶନ ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଲାଗୁଛି। ଇନ୍ଦ୍ରାବତୀରେ ଥିବା ୭ଟି ଆବାସିକ ଛାତ୍ରାବାସରେ ପ୍ରାୟ ୧୨ଶହ ଛାତ୍ରଛାତ୍ରୀ ରହି ଅଧ୍ୟୟନ କରୁଛନ୍ତି । ବିଭିନ୍ନ କାର୍ଯ୍ୟରେ ଇନ୍ଦ୍ରାବତୀ ଆସୁଥିବା ହଜାର ହଜାର ଲୋକଙ୍କ ସୁବିଧା ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ଇନ୍ଦ୍ରାବତୀରେ ଯଥା ଶୀଘ୍ର ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ନିବେଦନ କରିଛନ୍ତି ଇନ୍ଦ୍ରାବତୀ ବଣିକ ସଂଘ। ଇନ୍ଦ୍ରାବତୀ ତଥା ଆଖପାଖ ଅଞ୍ଚଳ ରେ ପର୍ଯ୍ୟାପ୍ତ ସରକାରୀ ଜମି ରହିଥିଲେ ମଧ୍ୟ ସେଗୁଡିକ ବ୍ୟବହାର ନହୋଇ ପଡିରହିଥିବା ରୁ ତାହାର ସଦୁପଯୋଗ କରି ଇନ୍ଦ୍ରାବତୀରେ ମଡେଲ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହେଉଛି । ଏହି ଦାବିପତ୍ର ପ୍ରଦାନ ସମୟରେ ବଣିକ ସଂଘ ସଭାପତି ସୁରେନ୍ଦ୍ରନାଥ ରାଉତ, ପୂର୍ବତନ ସରପଞ୍ଚ ବିଶ୍ୱନାଥ ସିଂ, ଦେଓପାଲି ସମିତି ସଭ୍ୟ ସୁଧୀର ଖୁରା, ଯୁବ ନେତା ଅକ୍ଷୟ ମହାନ୍ତି ଙ୍କ ସମେତ ଇନ୍ଦ୍ରାବତୀ ବଣିକ ସଂଘ କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ ଏବଂ ରକ୍ତଦାତା ସମାଜସେବୀ ବୃନ୍ଦ ଉପସ୍ଥିତ ଥିଲେ

